

# ୨୯

# ଭାରତର ମୁଖ୍ୟ ସାମାଜିକ ସମସ୍ୟା
# MAJOR SOCIAL PROBLEMS OF INDIA

ପ୍ରତ୍ୟେକ ସମାଜ ସମୟ ଅନୁଯାୟୀ ପରିବର୍ତ୍ତନଶୀଳ । ଏଣୁ ପୁରୁଣା ସାମାଜିକ ପଦ୍ଧତିଗୁଡ଼ିକୁ ଛାଡ଼ି ନୂଆ ବ୍ୟବସ୍ଥା ଗ୍ରହଣ କରିବା ଦ୍ୱାରା ଅନେକ ସାମାଜିକ ସମସ୍ୟା ଉପୁଜିଥାଏ । ଆମ ଦେଶ, ସେହିଭଳି ଅନେକ ସମସ୍ୟାର ସମ୍ମୁଖୀନ ହୋଇଅଛି । ତୁମେ ତ ନିରକ୍ଷରତା ବିଷୟରେ ଶୁଣିଛ, ଯାହାକୁ ମହାତ୍ମା ଗାନ୍ଧି ଆମ ସଂସ୍କୃତିର ଏକ ବଡ଼ କଳଙ୍କ ବୋଲି କହୁଥିଲେ । କିନ୍ତୁ ଦୁର୍ଭାଗ୍ୟର କଥା ଆମେ ସ୍ୱାଧୀନତା ହାସଲ କରିବାର ୬୫ ବର୍ଷ ପରେ ମଧ୍ୟ ଏପର୍ଯ୍ୟନ୍ତ ଦେଶର ୩୫ ଭାଗ ଲୋକ ନିରକ୍ଷର । ଜଣେ ଶିକ୍ଷିତ ଭଲ କିମ୍ବା ମନ୍ଦ ମଧ୍ୟରେ ପାର୍ଥକ୍ୟ ଜାଣିପାରେ, କିନ୍ତୁ ନିରକ୍ଷରମାନଙ୍କ କ୍ଷେତ୍ରରେ ତାହା ହୋଇନଥାଏ । ସ୍ୱାଧୀନତା ପରେ ଆମର ଜନସଂଖ୍ୟା ତିନିଗୁଣରେ ପହଞ୍ଚିଛି ଯାହାକି ଆମ ବିକାଶରେ ବାଧା ସୃଷ୍ଟି କରୁଛି । ଏତଦ୍‌ବ୍ୟତୀତ ଦୁର୍ନୀତି ମଧ୍ୟ ଆମ ବିକାଶରେ ବାଧା ଦେବା ସଂଗେ ସଂଗେ ଆମ ସାମାଜିକ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । ତୁମେ ମଧ୍ୟ ଦେଖିଥିବ ଯେ ଅଧିକାଂଶ ଲୋକ ଛୋଟ ଛୋଟ ଝୁମ୍ପୁଡ଼ି ବସ୍ତିମାନଙ୍କରେ ବାସ କରୁଛନ୍ତି ଓ ଭୋକ ଉପାସରେ ଦିନ କାଟୁଛନ୍ତି । ଏଣୁ ଦାରିଦ୍ର୍ୟ ଆମଦେଶର ଏକ ବଡ଼ ସମସ୍ୟା ଅଟେ ।

ଏହି ଅଧ୍ୟାୟରେ ଆମେ ଆମ ସମାଜର ନିରକ୍ଷରତା ଜନସଂଖ୍ୟା ବିସ୍ଫୋରଣ, ଦୁର୍ନୀତି ଏବଂ ଦାରିଦ୍ର୍ୟ ବିଷୟରେ ଆଲୋଚନା କରିବା ।

## ଉଦ୍ଦେଶ୍ୟ

- ଭାରତର ସାକ୍ଷରତା ସ୍ଥିତି ସମ୍ବନ୍ଧରେ ଜାଣିବା;
- ଜନ ବିସ୍ଫୋରଣ ଓ ଜନସଂଖ୍ୟା ସମସ୍ୟା ସମ୍ବନ୍ଧରେ ପଢ଼ିବା;
- ଦୁର୍ନୀତି ସମାଜ ପାଇଁ ଏକ ବଡ଼ ବିପଦ
- ଦାରିଦ୍ର୍ୟର ସଂଜ୍ଞା ଓ ବିଭିନ୍ନ କାରଣ ।

## ୨୯.୧ ଭାରତର ସାକ୍ଷରତା ସ୍ଥିତି

ତୁମେ ଦେଖିଥିବ, ବେଳେବେଳେ ଲୋକେ ବ୍ୟାଙ୍କ, ପୋଷ୍ଟଅଫିସ କିମ୍ବା ଭୋଟ ଦେଲାବେଳେ ସ୍ୱାକ୍ଷରକରି ନପାରି ଟିପଚିହ୍ନ ଦେଇଥାନ୍ତି । ତାଛଡ଼ା ବେଳେବେଳେ ଲୋକେ ଅନ୍ୟମାନଙ୍କୁ ଚିଠି



ଖଣ୍ଡେ ପଢି ଦେବାପାଇଁ ବା ଲେଖିଦେବା ପାଇଁ ଅନୁରୋଧ କରିଥାନ୍ତି। ତୁମେ ଭାବିଛ କାହିଁକି ସେମାନେ ସେମିତି କରନ୍ତି ? ଏହାର କାରଣ ହେଲା ନିରକ୍ଷରତା। ସେମାନେ ଲେଖି ଜାଣନ୍ତି ନାହିଁ କି ପଢିପାରନ୍ତି ନାହିଁ । ଏଣୁ ନିରକ୍ଷରତା ଆଧୁନିକ ସମାଜ ପାଇଁ ଗୋଟିଏ ଅଭିଶାପ । ଅନ୍ୟ ଦିଗରେ ସାକ୍ଷରତା ଜଣେ ବ୍ୟକ୍ତିକୁ ଲେଖିବା ଓ ପଢିବା ପାଇଁ ପ୍ରସ୍ତୁତ କରିଥାଏ। ଏପରିକି ଜଣେ ଅନ୍ଧ ମଧ୍ୟ ପଢିପାରେ ଓ ବୁଝିପାରେ । ଏଣୁ ସାକ୍ଷରତାର ଅର୍ଥ ହେଲା ଜଣେ ପଢିବା, ଲେଖିବା ଏବଂ କୌଣସି ଭାଷାକୁ ବୁଝି ପାରୁଥିବା ଉଚିତ । କିନ୍ତୁ ଜଣେ ନିରକ୍ଷର ଏଗୁଡିକ ପାଇଁ ଅସମର୍ଥ ପ୍ରକାଶ କରେ। ସାକ୍ଷରତା ପ୍ରତ୍ୟେକଙ୍କୁ ଏକ ସୁନ୍ଦର ଶିକ୍ଷା ଦେବା ସଙ୍ଗେ ବିକାଶ ମାର୍ଗକୁ ଆଗେଇ ନେଇଥାଏ ଯାହାକି ଏକ ସୁନ୍ଦର ଜୀବନଯାପନ ପାଇଁ ସହାୟକ ହୁଏ। ଅତୀତରେ ନିରକ୍ଷରମାନେ ସେମାନଙ୍କ ବିଭିନ୍ନ ଅଧିକାରରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହେଉଥିଲେ। ଏଣୁ ସେହି ଧରଣର ବ୍ୟକ୍ତିବିଶେଷ ସମାଜର ବିକାଶ ପାଇଁ ବାଧା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଯୁବପିଢିକୁ କୌଣସି ଉପଦେଶ ଦେବାରେ ବ୍ୟର୍ଥ ହୋଇଥାନ୍ତି।

ବର୍ତ୍ତମାନ ଆମେ ଆମ ଦେଶର ସାକ୍ଷରତା ସ୍ଥିତି ସମ୍ପର୍କରେ ଆଲୋଚନା କରିବା । ୨୦୦୧ ମସିହା ଜନଗଣନା ଅନୁଯାୟୀ ଶତକଡ଼ା ୬୫ ଭାଗ ଲୋକ ସାକ୍ଷର ଥିବାବେଳେ ୩୫ ଭାଗ ଲୋକ ନିରକ୍ଷର। ପୁରୁଷ ସାକ୍ଷରତା ଶତକଡ଼ା ୭୬ଭାଗ ହୋଇଥିବା ସ୍ଥଳେ ମହିଳା ସାକ୍ଷରତା ମାତ୍ର ଶତକଡ଼ା ୨୪ ଭାଗ। ୧୯୯୧ ମସିହା ଜନଗଣନା ଅନୁଯାୟୀ ରାଜ୍ୟମାନଙ୍କ ମଧ୍ୟରେ କେରଳରେ ସାକ୍ଷରତା ହାର ଅଧିକ (ଶତକଡ଼ା ୯୦ ଭାଗ) । ବିହାର ରାଜ୍ୟର ସାକ୍ଷରତା ହାର ମାତ୍ର ୩୮ ଭାଗ ଯାହାକି ଦେଶର ସବୁ ରାଜ୍ୟଠୁ କମ୍। ଅନୁସୂଚୀତ ଜନଜାତିମାନଙ୍କ ମଧ୍ୟରେ ସାକ୍ଷରତା ହାର ୨୯ ଭାଗ। ପୃଥିବୀର ଏକ ତୃତୀୟାଂଶ ନିରକ୍ଷର ଆମ ଦେଶରେ ବାସ କରନ୍ତି । ୬ ବର୍ଷରୁ ୧୪ ବର୍ଷ ମଧ୍ୟରେ ସର୍ବମୋଟ ୧୯ କୋଟି ଶିଶୁ ହେଉଛନ୍ତି ନିରକ୍ଷର ଏବଂ ଏମାନଙ୍କ ମଧ୍ୟରୁ ଚାରିକୋଟି ଶିଶୁ କୌଣସି ବିଦ୍ୟାଳୟର ମୁହଁ ଦେଖିନାହାନ୍ତି । ପ୍ରାୟ ଶତକଡ଼ା ୫୦ଭାଗ ଶିଶୁ ବିଦ୍ୟାଳୟରେ ନାମ ଲେଖାପରେ ପାଠ ଛାଡ଼ି ଦେଇଥାନ୍ତି । ଅନୁସୂଚିତ ଜାତି ଓ ଜନଜାତିର ପିଲାଙ୍କ ସଂଖ୍ୟା ମାତ୍ର ଶତକଡ଼ା ୨୯ ଭାଗ ।

ଏଣୁ ନିରକ୍ଷରତା ପାଇଁ ଦାୟୀ ବିଭିନ୍ନ କାରକଗୁଡିକ ହେଲା ଦାରିଦ୍ର୍ୟ, ଜନସଂଖ୍ୟା ବୃଦ୍ଧି, ସଚେତନତାର ଅଭାବ ଏବଂ ଶିକ୍ଷାର ବିକାଶ ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହୋଇନପାରିବା ଇତ୍ୟାଦି ଇତ୍ୟାଦି । ଆମ ଦେଶରେ ୧୯୬୦ ମସିହାରେ ପ୍ରଥମ, ୧୯୮୬ରେ ଦ୍ୱିତୀୟ ଓ ୧୯୯୧ରେ ତୃତୀୟ ଏହିପରି ଭାବରେ ତିନିଥର ଶିକ୍ଷାନୀତି ପ୍ରଣୟନ ହୋଇ ୧୪ ବର୍ଷରୁ କମ୍ ବୟସର ସବୁ ପିଲାଙ୍କୁ ଶିକ୍ଷା ଦେବାପାଇଁ ସ୍ଥିର ହେଲା। କିନ୍ତୁ ତା ପୂର୍ବରୁ ୧୯୭୯-୮୦ ମସିହାରୁ ଏକ ଅଣ ଆନୁଷ୍ଠାନିକ ଶିକ୍ଷା ଯୋଜନା କାର୍ଯ୍ୟକାରୀ ହୋଇଆସୁଅଛି । ୧୯୯୪ ମସିହାରେ ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା କାର୍ଯ୍ୟକାରୀ ହୋଇଥିଲା। ୧୯୯୫ ମସିହାରେ ମଧ୍ୟାହ୍ନ ଭୋଜନ ଯୋଜନା କାର୍ଯ୍ୟକାରୀ ହୋଇଥିଲା କେବଳ ବିଦ୍ୟାଳୟରୁ ପିଲାଙ୍କୁ ଛାଡିଯିବାରୁ ରୋକିବା ପାଇଁ । ୨୦୦୧

ମସିହାରେ ୯୩ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ରୂପେ ଗ୍ରହଣ କରାଗଲା । ଭାରତ ସରକାର, ଅଭିଭାବକ ସମାଜସେବୀ ଓ ଶାସକମାନଙ୍କ ସହାୟତାରେ ସର୍ବଶିକ୍ଷା ଅଭିଯାନ ଆରମ୍ଭ କରିଛନ୍ତି । ଏ କ୍ଷେତ୍ରରେ ଜାତୀୟ ମୁକ୍ତ ବିଦ୍ୟାଳୟ ଅନୁଷ୍ଠାନର (National Institute of Open Schooling) ଅବଦାନ ଅତୁଳନୀୟ । ଏହି ଅନୁଷ୍ଠାନ ଅପହଞ୍ଚ ଜାଗାମାନଙ୍କୁ ଶିକ୍ଷାକୁ ପହଞ୍ଚାଇବାରେ ବିଶେଷ ସହାୟକ ହୋଇଛି ।

### ପାଠଗତ ପ୍ରଶ୍ନ ୨୯.୧

ଠିକ୍ ଉତ୍ତର ବାଛି ଲେଖ ।

(୧) ୨୦୦୧ ମସିହା ଜନଗଣନା ଅନୁଯାୟୀ ଆମ ଦେଶର ସାକ୍ଷରତା ହାର ।

(କ) ୬୨% (ଖ) ୬୪%

(ଗ) ୬୬% (ଘ) ୬୫%

(୨) ୨୦୦୧ ମସିହା ଜନଗଣନା ଅନୁଯାୟୀ ଦେଶର ମହିଳା ସାକ୍ଷରତା ହାର ।

(କ) ୫୦% (ଖ) ୫୨%

(ଗ) ୫୬% (ଘ) ୫୪%

(୩) ଆମ ଦେଶର କେଉଁ ରାଜ୍ୟର ସାକ୍ଷରତା ହାର ଅଧିକ ?

(କ) ତାମିଲନାଡୁ (ଖ) କର୍ଣ୍ଣାଟକ

(ଗ) ଆନ୍ଧ୍ରପ୍ରଦେଶ (ଘ) କେରଳ

(୪) ଆମ ଦେଶର କେଉଁ ରାଜ୍ୟର ସାକ୍ଷରତା ହାର ସବୁଠୁ କମ୍ ?

(କ) ଉତ୍ତର ପ୍ରଦେଶ (ଖ) ମଧ୍ୟ ପ୍ରଦେଶ

(ଗ) ରାଜସ୍ଥାନ (ଘ) ବିହାର

(୫) ଆମ ଦେଶରେ ୬-୧୪ ବର୍ଷ ବୟସର ପିଲାଙ୍କର ନିରକ୍ଷରତା ହାର କେତେ ?

(କ) ୩ କୋଟି (ଖ) ୪ କୋଟି (ଗ) ୫ କୋଟି (ଘ) ୬ କୋଟି

## ୨୯.୨ ଜନସଂଖ୍ୟା ବିସ୍ଫୋରଣ Population Explosion

ଜନସଂଖ୍ୟା ବିସ୍ଫୋରଣ ହେଉଛି ଦ୍ରୁତ ଜନସଂଖ୍ୟା ବୃଦ୍ଧି । ଏହାର ଗତି ଦିନକୁ ଦିନ ପ୍ରବଳ

ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଜନସଂଖ୍ୟା ବିସ୍ଫୋରଣ ଜନସଂଖ୍ୟା ବୃଦ୍ଧିର ଏକ ଅବସ୍ଥା ଯେଉଁ ଅବସ୍ଥାରେ ଦୃତ ଭାବରେ ଜନସଂଖ୍ୟା ବୃଦ୍ଧି ହୋଇ ଦେଶ ଲାଗି ବିପଦସଂକୁଳ ଅବସ୍ଥା ସୃଷ୍ଟି କରିଥାଏ । ଜନସଂଖ୍ୟା ବୃଦ୍ଧି ମୃତ୍ୟୁ ହାର କମିଯିବା ହେତୁ ମଧ ଦେଖାଦେଇଥାଏ। ଜନସଂଖ୍ୟା ବିଶେଷଜ୍ଞଙ୍କ ମତରେ ପ୍ରତ୍ୟେକ ଦେଶ ତିନିଗୋଟି ଜନସଂଖ୍ୟା ସୋପାନ ଦେଇ ଗତି କରିଥାଏ। ପ୍ରଥମଟି ହେଲା ଉଭୟ ଜନ୍ମହାର ଓ ମୃତ୍ୟୁହାର ଅଧିକ ହୋଇଥିବ ଯେଉଁଠି ଜନସଂଖ୍ୟା ଉଣା ଅଧିକେ ସ୍ଥିର ରହିଥାଏ। ଗ୍ରାମାଞ୍ଚଳରେ ଆଧୁନିକ ଶିକ୍ଷାର ଅଭାବରୁ ଏବଂ ପାରମ୍ପରିକ ରୀତିନୀତି ଯୋଗୁଁ ଜନ୍ମହାର ଅଧିକ ହୋଇଥାଏ। ଦ୍ୱିତୀୟ ସୋପାନଟି ଆରମ୍ଭ ହୋଇଥାଏ ଶିଳ୍ପୀକରଣରୁ ଯାହାକି ଶିକ୍ଷାର ଉନ୍ନତି ଓ ଉନ୍ନତ ଚିକିତ୍ସାରୁ ଆସିଥାଏ । ଉପଯୁକ୍ତ ଚିକିତ୍ସାରୁ ମୃତ୍ୟୁର ହାର କମିଯାଇଥାଏ। ତୃତୀୟ ସୋପାନରେ, ଜନ୍ମହାର, ଉନ୍ନତ ଶିକ୍ଷାର ପ୍ରସାର ଓ ବିଭିନ୍ନ ମାଧମ ହେତୁ ଜନ୍ମର ହାର ନିୟନ୍ତ୍ରିତ ହୋଇଥାଏ।

ଆମ ଦେଶରେ ଜନସଂଖ୍ୟା ବିସ୍ଫୋରଣ ଏକ ମୁଖ୍ୟ ସାମାଜିକ ସମସ୍ୟା ରୂପେ ମୁଣ୍ଡ ଟେକିଛି। ଗୋଟିଏ ହିସାବରୁ ଜଣାପଡେ ଯେ ପ୍ରତ୍ୟେକ ମିନିଟ୍‌ରେ ୩୧ ଜଣ ଶିଶୁ ଜନ୍ମ ହୋଇଥାନ୍ତି। ଏଣୁ ଆମେ ୪୫.୦୦୦ ଲୋକ ପ୍ରତ୍ୟେକ ଦିନ ଆମ ଜନସଂଖ୍ୟାରେ ଯୋଡୁଛୁ। ଏଣୁ ଏହି ହାରରେ ପ୍ରତିବର୍ଷ ଆମେ ୧୬ ନିୟୁତ ଲୋକଙ୍କ ପାଇଁ ଖାଦ୍ୟ, ବାସଗୃହ, ଚାକିରି ଇତ୍ୟାଦି ଆବଶ୍ୟକ । ସାରା ପୃଥିବୀରେ ଆମ ଦେଶ ଜନସଂଖ୍ୟାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଏହି ତାଲିକାରେ ଚୀନ ଦେଶର ୧୨୫ କୋଟି ଜନସଂଖ୍ୟା ଥିବା ହେତୁ ପ୍ରଥମରେ ଅଛି। ୨୦୦୧ ଜନଗଣନା ଅନୁଯାୟୀ ଆମର ଲୋକସଂଖ୍ୟା ୧୦୨.୭୨ କୋଟି ଯାହାକି ପୃଥିବୀ ଜନସଂଖ୍ୟାର ଶତକଡ଼ା ୧୬.୮ ଭାଗ। ବିଂଶଶତାବ୍ଦୀରେ ଭାରତର ଜନସଂଖ୍ୟା ଦ୍ରୁତ ଗତିରେ ବଢିଚାଲିଛି। ୨୦୧୧ ଜନଗଣନା ଅନୁସାରେ ଭାରତର ଜନସଂଖ୍ୟା ବର୍ତ୍ତମାନ ୧୨୧ କୋଟିରେ ପହଞ୍ଚିଛି ।

## ୨୯.୨.୧ ଜନସଂଖ୍ୟା ବିସ୍ଫୋରଣର ସାମାଜିକ ଓ ଅର୍ଥନୈତିକ ସମସ୍ୟା

ଜନସଂଖ୍ୟା ବିସ୍ଫୋରଣ ଅନେକ ସାମାଜିକ ତଥା ଅର୍ଥନୈତିକ ସମସ୍ୟାଗୁଡିକୁ ଜନ୍ମ ଦେଇଥାଏ। ଯଥା ବାସଗୃହର ଅଭାବ, ଜମିଜମା ସମସ୍ୟା, ଦାରିଦ୍ର୍ୟ, ନିରକ୍ଷରତା, ବେକାରୀ ସମସ୍ୟା, ସ୍ୱାସ୍ଥ୍ୟଗତ ସମସ୍ୟା, ନ୍ୟୁନ ଜୀବନ ଧାରଣ ମାନ, ସ୍ଥାନାନ୍ତରଣ ସମସ୍ୟା ଇତ୍ୟାଦି। ଜନସଂଖ୍ୟା ବିସ୍ଫୋରଣ ଯୋଗୁଁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଅତ୍ୟଧିକ ଜନଗହଳି, ଅସ୍ୱାସ୍ଥ୍ୟକର ଓ ଅପରିଷ୍କାର ପରିବେଶ ଏବଂ ଅନ୍ୟାନ୍ୟ ବହୁ ଦୂଷିତ ତଥା କଳୁଷିତ ପରିସ୍ଥିତି ସୃଷ୍ଟି କରିଥାଏ। ଦରିଦ୍ରତା ନିରକ୍ଷରତା ବଢାଇବାରେ ସାହାଯ୍ୟ କରେ କାରଣ ଗରିବ ଲୋକମାନେ ସେମାନଙ୍କ ସନ୍ତାନ ସନ୍ତତିଙ୍କୁ ବିଦ୍ୟାଳୟକୁ ନପଠାଇ ବିଭିନ୍ନ କାମରେ ନିୟୋଜିତ କରିଥାନ୍ତି ।

ପରିଶେଷରେ ଏତିକି କୁହାଯାଇପାରେ, ଜନ୍ମହାର ବୃଦ୍ଧି ପଛରେ କେତେକ ସାମାଜିକ,



ସାଂସ୍କୃତିକ ଓ ଅର୍ଥନୈତିକ କାରଣ ମାନ ରହିଛି । ସେଗୁଡିକ ହେଲା- ସାର୍ବଜନୀନ ବିବାହ, ପୁତ୍ର କାମନା, ବହୁ ପୁତ୍ରର ଜନନୀ ହେବାର ଲାଳସା, ବାଲ୍ୟ ବିବାହ, ବିଧବା ବିବାହ, ନିରକ୍ଷରତା, ଦାରିଦ୍ର୍ୟ, ମହିଳାମାନଙ୍କ ଅର୍ଥନୈତିକ ନିର୍ଭରଶୀଳତା। ଅନ୍ୟଦିଗରେ ମୃତ୍ୟୁହାର ହ୍ରାସ, ଜନସଂଖ୍ୟା ବୃଦ୍ଧିର ଅନ୍ୟ ଏକ କାରଣ। ଦୁର୍ଭିକ୍ଷ ଓ ମହାମାରି ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ସେବାରେ ଉନ୍ନତି, ଶିଶୁ ମୃତ୍ୟୁହାର ହ୍ରାସ, ପ୍ରତ୍ୟାଶିତ ଆୟୁଷ ବୃଦ୍ଧି, ସ୍ଥାନାନ୍ତକରଣ ଇତ୍ୟାଦି କାରଣ ଯୋଗୁଁ ମୃତ୍ୟୁହାର ହ୍ରାସ ପାଇଥାଏ ।

### ପାଠଗତ ପ୍ରଶ୍ନ ୨୯.୨

ଠିକ୍ ଥିଲେ 'ଠିକ୍' ଓ ଭୁଲ ଥିଲେ 'ଭୁଲ' ଲେଖ।

(୧) ଜନସଂଖ୍ୟା ବିସ୍ଫୋରଣ ଦୃତ ଗତିରେ ଆମ ଦେଶରେ ବଢି ଚାଲିଛି। (ଠିକ୍/ଭୁଲ)

(୨) ଜନସଂଖ୍ୟା ବିସ୍ଫୋରଣରେ ଦୃତ ଗତିରେ ଜନ୍ମହାର ଓ ମୃତ୍ୟୁହାର କମିଥାଏ। (ଠିକ/ଭୁଲ)

## ୨୯.୩ ଦୁର୍ନୀତି ବା ଭ୍ରଷ୍ଟାଚାର Corruption

ଦୁର୍ନୀତି ବା ଭ୍ରଷ୍ଟାଚାର ବର୍ତ୍ତମାନ ସମାଜରେ ଏକ ସର୍ବବ୍ୟାପୀ ସମସ୍ୟା। ଏହା ସମାଜର ସବୁକ୍ଷେତ୍ରରେ ଏବଂ ସବୁସମୟରେ କୌଣସି ନା କୌଣସି ରୂପରେ ଊଣା ଅଧିକେ ଦେଖାଦେଇଥାଏ । ସାଧାରଣ ଅର୍ଥରେ ଦୁର୍ନୀତି କହିଲେ ଲାଞ୍ଚ ନେବା ଓ ଦେବାର ବ୍ୟବସ୍ଥାକୁ ବୁଝାଇଥାଏ। ଅନ୍ୟ ଅର୍ଥରେ କହିଲେ ସର୍ବସାଧାରଣ ନିମନ୍ତେ ଉଦ୍ଦିଷ୍ଟ ଥିବା କ୍ଷମତା ଓ କାର୍ଯ୍ୟକୁ ନିଜର ସ୍ୱାର୍ଥ ପାଇଁ ବିନିଯୋଗ କରିବା ଅଥବା ସମାଜରେ ପ୍ରଚଳିତ ଥିବା ପ୍ରଥା ଓ ପରମ୍ପରାକୁ ଭଙ୍ଗକରି ନିଜର ସ୍ୱାର୍ଥ ହାସଲ ପାଇଁ ନୂତନ ନୀତିନିୟମ ସୃଷ୍ଟି କରିବା । ଏଣୁ ଦୁର୍ନୀତି ହେଉଛି ଏକ କୁବ୍ୟବସ୍ଥା ଯାହାଦ୍ୱାରା ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନୈତିକ କର୍ତ୍ତବ୍ୟକୁ ଅପବ୍ୟବହାର କରି ନିଜର ସାମାଜିକ ସ୍ଥିତିର ବିକାଶ ଘଟାଇବା । ଦୁର୍ନୀତି ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ରୂପରେ ଦେଖିବାକୁ ମିଳିଥାଏ। ଯଥା-ଲାଞ୍ଚ ଦେବା ଓ ନେବା, ଅର୍ଥ ଓ କ୍ଷମତାର ଅପବ୍ୟବହାର, ଆତ୍ମୀୟସ୍ୱଜନଙ୍କ ପ୍ରତି ଅହେତୁକ ଅନୁଗ୍ରହ ପ୍ରଦାନ କରିବା ଇତ୍ୟାଦି। ବର୍ତ୍ତମାନ ଆମ ଦେଶରେ ଦୁର୍ନୀତିର ହାର ବହୁତ ଅଧିକ । ତୁମେ ଏବେ ଦେଖୁଥିବ ଅନେକ ସରକାରୀ କର୍ମଚାରୀ, ରାଜନୈତିକ ନେତା, ଶିଳ୍ପପତି, ବ୍ୟବସାୟୀ, ଉଚ୍ଚପଦସ୍ଥ ଅଧିକାରୀ ବିଭିନ୍ନ ଦୁର୍ନୀତି କ୍ଷେତ୍ରରେ ଲିପ୍ତ ରହି କୋର୍ଟ ଦ୍ୱାରା ଦଣ୍ଡିତ ହୋଇ ଜେଲ୍ ଦଣ୍ଡ ଭୋଗୁଛନ୍ତି।

ଦୁର୍ନୀତିକୁ ଆମେ ବିଭିନ୍ନ ରୂପରେ ଦେଖିଥାଉ : ଯଥା ଯୌତୁକ ପ୍ରଥା, ଅସାଧୁତା, ଅଯଥା ଅନୁଗ୍ରହ ଦେଖାଇବା, ବ୍ୟଭିଚାର ବା ଅନୈତିକ କାର୍ଯ୍ୟ (Immorality) ଗୁଡିକ ସାମାଜିକ ଦୁର୍ନୀତିର ଅନ୍ତର୍ଭୁକ୍ତ । ଅନ୍ୟାୟ ଉପାୟରେ କାମ ହାସଲ କରିବା ପାଇଁ କର୍ମଚାରୀଙ୍କୁ ଲାଞ୍ଚ ଦେବା



କିମ୍ବା କୌଣସି ରାଜନୈତିକ ଦଳର ପ୍ରତିନିଧିଙ୍କ ଜରିଆରେ ଲାଞ୍ଚ ଦେବା, ନିର୍ବାଚନରେ ଜୟଯୁକ୍ତ ହେବା ପାଇଁ ଅସାମାଜିକ ବ୍ୟକ୍ତିଙ୍କୁ ନିୟୋଜିତ କରିବା, ନିର୍ବାଚନ ବୁଥ୍ ଦଖଲ କରିବା, ଦଳ ଟିକେଟ୍ ଅପରାଧିଙ୍କୁ ଦେବା, ନିର୍ବାଚିତ ପ୍ରତିନିଧି ଲାଞ୍ଚନେବା ଇତ୍ୟାଦି ରାଜନୈତିକ ଦୁର୍ନୀତିର ଅନ୍ତର୍ଭୁକ୍ତ । ଶାସନଗତ ଦୁର୍ନୀତି ହିସାବରେ ଆମେ କୌଣସି ଦପ୍ତରରେ କାମ ହାସଲ ପାଇଁ ଅଧିକାରୀ ଓ କର୍ମଚାରୀଙ୍କୁ ଲାଞ୍ଚ ଦେବା ସରକାରୀ ଟଙ୍କା ଆତ୍ମସାତ କରିବା, ବ୍ୟବସାୟୀମାନଙ୍କ ସାଙ୍ଗେ ମିଶି ସରକାରୀ ଟଙ୍କା ଲୁଟିବା ଇତ୍ୟାଦି । ପାଠପଢ଼ି ଡିଗ୍ରୀ ହାସଲ କରିବା, ପଢ଼ିବା ପାଇଁ ପ୍ରଚୁର ଟଙ୍କା ଦେବା, କପି କରିବା, ପ୍ରଶ୍ନପତ୍ର ଲିକ୍ କରିବା, ପରୀକ୍ଷକଙ୍କୁ ଲାଞ୍ଚ ଦେବା, ସର୍ବୋପରି ସବୁ ଧରଣର ଶିକ୍ଷାଗତ ଠକେଇ, ଶିକ୍ଷାଗତ ଦୁର୍ନୀତିର ଅନ୍ତର୍ଭୁକ୍ତ ।

ଏଗୁଡିକ ବ୍ୟତୀତ ମହଜୁଦକାରୀ, ଚୋରା ଚାଲାଣକାରୀ, କଳାଧନ, ନକଲି ଜିନିଷ ପ୍ରସ୍ତୁତକାରୀ, ନ୍ୟାୟପାଳିକାରେ ଦୁର୍ନୀତି, ଚିକିତ୍ସାଳୟରେ ଦୁର୍ନୀତି ବିଭିନ୍ନ ସେବା ଅନୁଷ୍ଠାନ ମାନଙ୍କରେ ଦୁର୍ନୀତି ଇତ୍ୟାଦି ବ୍ୟବସାୟ ସଂକ୍ରାନ୍ତୀୟ ଦୁର୍ନୀତି (Professional Corruption)ର ଅନ୍ତର୍ଭୁକ୍ତ ।

### ୨୯.୩.୧ ଦୁର୍ନୀତିର କାରଣ (Causes of Corruption)

ଦୁର୍ନୀତିର ଅନେକ କାରଣଗୁଡିକ ଆମେ ସମାଜରେ ଦେଖିଥାଉ । ସେଗୁଡିକ ମଧ୍ୟରୁ କେତେକ ବେଆଇନ ଜିନିଷକୁ ଲାଞ୍ଚ ଦେଇ ଆଇନରେ ପରିଣତ କରିବା, ଅଧିକରୁ ଅଧିକ ଧନ ଠୁଳ କରିବ, ଚାକିରିରେ ବହୁତ ଉଚ୍ଚ ଆଶା ରଖିବା, ସମାଜରେ ନିଜ ପ୍ରଭାବକୁ ବଢେଇବା, ଯୌତୁକ ଦେବା, ନିଜ ସନ୍ତାନ ସନ୍ତତିଙ୍କୁ ଉଚ୍ଚଶିକ୍ଷା ପାଇଁ ଅଧିକ ଚାନ୍ଦା ଦେବା, ଅତ୍ୟାଧୁନିକ ଘର ତିଆରି କରିବା, ଘର ସାଜସଜ୍ଜା ପାଇଁ ଆଧୁନିକ ଜିନିଷ କିଣିବା, ନିର୍ବାଚନ ଲଢ଼ିବା ପାଇଁ ଟଙ୍କା ଆଦାୟ କରିବା ଇତ୍ୟାଦି ଇତ୍ୟାଦି ।

### ପାଠଗତ ପ୍ରଶ୍ନ ୨୯.୩

ବନ୍ଧନୀରେ ଥିବା ଉପଯୁକ୍ତ ଶବ୍ଦ ପ୍ରୟୋଗ କରି ଶୂନ୍ୟସ୍ଥାନ ପୂରଣ କର ।

(୧) ଦୁର୍ନୀତି ............. ଦ୍ୱାରା ଧନ ସମ୍ପତ୍ତି ଠୁଳ କରିଥାଏ (ଆଇନ, ବେଆଇନ)

(୨) ଆମ ଦେଶରେ ............... ଜାଗାରେ ଦୁର୍ନୀତି ଦେଖାଯାଇଥାଏ । (ପ୍ରତ୍ୟେକ, କେତେକ)

(୩) ଆମ ଦେଶରେ ଦୁର୍ନୀତି ଉଚ୍ଚ ସ୍ଥାନରେ ମଧ୍ୟ ................. । (ଦେଖାଯାଏ, ଦେଖାଯାଏ ନାହିଁ)

(୪) ଆମ ଦେଶରେ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟ ଦୁର୍ନୀତିରୁ ................ । (ବାଦ୍ ଯାଇଛନ୍ତି, ବାଦ୍ ଯାଇନାହାନ୍ତି)



## ୨୯.୪ ଦାରିଦ୍ର୍ୟ Poverty


ଦାରିଦ୍ର୍ୟ ହେଉଛି ଆମ ଦେଶରେ ଏକ ମୁଖ୍ୟ ସାମାଜିକ ସମସ୍ୟା । ଏହା ମଣିଷମାନଙ୍କ ପାଇଁ ଜୀବନର ଏକ ଅଭିଶାପ ଭଳି । ଦାରିଦ୍ର୍ୟ ହେତୁ ମଣିଷ ନିଜ ଜୀବନରେ ସାମାଜିକ ଓ ନୈତିକ ମୂଲ୍ୟବୋଧ ହରାଇ ବସେ । ଦାରିଦ୍ର୍ୟ କହିଲେ ସାଧାରଣତଃ ଆମେ ଏକ ଅବସ୍ଥାକୁ ବୁଝିଥାଉଁ ଯେଉଁଠି ଦଳେ ଲୋକ ସେମାନଙ୍କର ମୌଳିକ ଆବଶ୍ୟକତା ଯଥା-ଖାଦ୍ୟ, ବସ୍ତ୍ର ଓ ବାସଗୃହ ଇତ୍ୟାଦିକୁ ପୂରଣ କରିବା ପାଇଁ ସକ୍ଷମ ହୋଇପାରେ ନାହିଁ । ସୁତରାଂ ଦାରିଦ୍ର୍ୟ ହେଉଛି ନିମ୍ନ ଜୀବନଧାରଣ ମାନର ଏକ ଅବସ୍ଥା ଏବଂ ଏହା ସମାଜର ସଂଖ୍ୟାଧିକ ଲୋକଙ୍କର ସର୍ବନିମ୍ନ ଆବଶ୍ୟକତାକୁ ପ୍ରତ୍ୟାଖ୍ୟାନ କରିଥାଏ । ଭାରତରେ ଯେଉଁମାନେ ସର୍ବନିମ୍ନ ଉପଭୋଗରୁ ବଞ୍ଚିତ ହୁଅନ୍ତି ସେମାନଙ୍କୁ ଦରିଦ୍ର କୁହାଯାଏ । ଏଣୁ ସର୍ବନିମ୍ନ ଜୀବନ ଧାରଣ ମାନକୁ ବିଚାରକୁ ନେଇ ଦାରିଦ୍ର୍ୟତାର ସଂଜ୍ଞା ନିରୁପଣ କରାଯାଇଛି । ଏଣୁ ଯେଉଁମାନେ ଜୀବନର ମୌଳିକ ଆବଶ୍ୟକତାକୁ ପୁରଣ କରିପାରନ୍ତି ନାହିଁ ସେମାନଙ୍କୁ ଆମେ ଦାରିଦ୍ର୍ୟ ଶ୍ରେଣୀଭୁକ୍ତ କରିଥାଉଁ । ଏଣୁ ଦାରିଦ୍ର୍ୟତାର ତିନୋଟି ମୁଖ୍ୟ ଲକ୍ଷଣ ହେଲା- ଆୟୁଷ, ଜ୍ଞାନ ଓ ଜୀବନଧାରଣ ମାନରେ ହ୍ରାସ ।

### ୨୯.୪.୧ ଦାରିଦ୍ର୍ୟତାର କାରଣ Causes of poverty

ଦାରିଦ୍ର୍ୟତାର ବିଭିନ୍ନ କାରଣଗୁଡିକ ନିମ୍ନରେ ଆଲୋଚନା କରାଗଲା ।

୧) **ସାମାଜିକ କାରଣ (Social causes) :** ଆମ ସମାଜରେ ଅନୁସୂଚିତ ଜାତିର ଲୋକେ ନିମ୍ନସ୍ତରରେ ରହିଥାନ୍ତି । ସେମାନଙ୍କ ଧନସମ୍ପତ୍ତି ପ୍ରାୟ ନଥାଏ ସେମାନେ ଶତାବ୍ଦୀ ଶତାବ୍ଦୀ ଅନେକ ପୁରୁଷ ପର୍ଯ୍ୟନ୍ତ ଗରିବ ହୋଇ ରହିଛନ୍ତି । ଅନ୍ୟପକ୍ଷରେ ସାମାଜିକ ପ୍ରଥା, ପରମ୍ପରା, ବିଧିବିଧାନ ଇତ୍ୟାଦିରେ ଅତ୍ୟଧିକ ଖର୍ଚ୍ଚ ଯୋଗୁଁ ଜଣେ ମଣିଷକୁ ଗରିବ କରାଇଥାଏ । ଲୋକମାନେ ସେମାନଙ୍କ ଜମିବାଡି, ଧନସମ୍ପତ୍ତି ବିକ୍ରିକରି ଝିଅ ବାହା ଘର ପାଇଁ ଯୌତୁକ ଦେଇଥାନ୍ତି ଯାହା ଫଳରେ ଲୋକେ ଦରିଦ୍ରତାର ବଶବର୍ତ୍ତୀ ହୋଇଥାନ୍ତି ।

୨) **ଅର୍ଥନୈତିକ କାରଣ (Economical Cause)** : ଜମିର ବିଷମ ବଣ୍ଟନ, ବେକାରୀ, ସ୍ୱଳ୍ପ ଦରମା ଓ ଋଣ ଆଦି ଦରିଦ୍ରତାର ମୁଖ୍ୟ କାରଣ । ଆମ ସମାଜରେ ଅନେକଗୁଡିଏ ପରିବାର ଭୂମିହୀନ ବା ଜମିହୀନ । ତେଣୁ ସେମାନଙ୍କୁ ଅନ୍ୟ କାମ ଉପରେ ନିର୍ଭର କରିବାକୁ ପଡେ । ସେମାନଙ୍କୁ ବର୍ଷ ସାରା କାମ ମିଳେ ନାହିଁ । ସ୍ୱଳ୍ପ ମଜୁରୀରେ ସେମାନଙ୍କୁ କାମ କରିବାକୁ ପଡେ । ତେଣୁ ବିଭିନ୍ନ କାମ ପାଇଁ ବେଶୀ ହାରରେ ସେମାନଙ୍କୁ ଋଣ ନେବାକୁ ପଡିଥାଏ । ଯଦି କୌଣସି କାରଣରୁ ଟଙ୍କା ପରିଶୋଧ କରିପାରିଲେ ନାହିଁ ତେବେ ସେମାନଙ୍କୁ "ବନ୍ଧୁଆ ଶ୍ରମିକ" (Bonded Labourer) ଭାବେ ନିଯୁକ୍ତି ଦିଆଯାଏ ।



(୩) **ରାଜନୈତିକ କାରଣ (political cause)** : ଆମ ଦେଶରେ ଅତୀତର ଦାରିଦ୍ର୍ୟ ପାଇଁ କେତେକ ସରକାରୀ ନୀତି ମଧ୍ୟ ଦାୟୀ । ବଡ଼ ବଡ଼ କଳ କାରଖାନା ହେବା ଯୋଗୁଁ ଗ୍ରାମାଞ୍ଚଳରେ ଥିବା କୁଟିରଶିଳ୍ପଗୁଡିକ ବନ୍ଦ ହୋଇଗଲାଣି । ଗାଁଗଣ୍ଡାରୁ ଉତ୍ପାଦିତ ହେଉଥିବା ଜିନିଷଗୁଡିକ ପାଇଁ ବିକ୍ରି କରିବାର ଉତ୍ତମ ସୁବିଧା ସୁଯୋଗ ନାହିଁ । ଶିକ୍ଷିତ ଯୁବକ ଯୁବତୀଙ୍କ ପାଇଁ ଉପଯୁକ୍ତ ନିଯୁକ୍ତି ବ୍ୟବସ୍ଥା ନାହିଁ । ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଯୁବପିଢିର ସ୍ଥାନାନ୍ତରଣ ପ୍ରକ୍ରିୟା ଫଳରେ ସହରମାନଙ୍କରେ ଝୁମ୍ପୁଡି ବସ୍ତିଗୁଡିକ ସୃଷ୍ଟି ହେଉଛି ।

ଏଣୁ ଏଠାରେ ବାସଗୃହର ଅଭାବ ହେତୁ ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ରହିବା ପାଇଁ ବାଧ୍ୟ ହୋଇଥାନ୍ତି । ଏହା ଫଳରେ ସଦାସର୍ବଦା ସେମାନେ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଦୁର୍ବଳ ସ୍ୱାସ୍ଥ୍ୟ ସେମାନଙ୍କର କାର୍ଯ୍ୟ କରିବାର ଦକ୍ଷତାକୁ ସଙ୍କୁଚିତ କରିଦିଏ, ଯାହା ଫଳରେ ଦାରିଦ୍ର୍ୟତା ସୃଷ୍ଟି ହୁଏ ।

(୪) **ଧାର୍ମିକ କାରଣ (Religious Causes)** : ଗ୍ରାମାଞ୍ଚଳରେ ଲୋକେ ସହରାଞ୍ଚଳ ଅପେକ୍ଷା ଅଧିକ ଧର୍ମପରାୟଣ । ଆମର ବିଭିନ୍ନ ଧାର୍ମିକ ବିଶ୍ୱାସ ଓ ବିଧି ବିଧାନ ଅନୁଯାୟୀ ପୂଜା କରିବା ପଦ୍ଧତି ମଧ୍ୟ ଅନେକଙ୍କୁ ଅଡୁଆରେ ପକାଇଦିଏ । ଏଣୁ ସେମାନେ ଏହି ପର୍ବପର୍ବାଣୀ ପାଇଁ ବହୁତ ଖର୍ଚ୍ଚ କରିଥାନ୍ତି ଓ ଟଙ୍କା ଅଭାବରୁ ସାହୁକାର ଠାରୁ ଅଧିକ ସୁଧ ଭିତ୍ତିରେ ଟଙ୍କା ଧାର ଆଣିଥାନ୍ତି । ପରେ ଟଙ୍କା ପରିଶୋଧ କରିନପାରିବାରୁ ଜମି, ଘର କିମ୍ବା ମୂଲ୍ୟବାନ ଜିନିଷଗୁଡିକ ବନ୍ଧା ପକାଇଥାନ୍ତି । ଏଣୁ ଯାହାର ଜମିବାଡି ନଥାଏ ସେମାନେ ବନ୍ଧୁଆ ଶ୍ରମିକ ହୋଇ କାମ କରିବାକୁ ବାଧ୍ୟ ହୁଅନ୍ତି । ଏହିସବୁ କାର୍ଯ୍ୟ ଜଣେ ବ୍ୟକ୍ତି ବିଶେଷକୁ କରିବାକୁ ପଡେ ଯେହେତୁ ସେ ସମାଜର ସାମାଜିକ- ଧାର୍ମିକ ମୂଲ୍ୟବୋଧରେ ବନ୍ଧା ।

(୫) **ପ୍ରାକୃତିକ କାରଣ (Natural cause)** : ପ୍ରାକୃତିକ ବିପର୍ଯ୍ୟୟ ଯଥା- ବନ୍ୟା, ବାତ୍ୟା, ମରୁଡି, ଭୂମିକମ୍ପ, ମହାମାରୀ ଆମ ଦେଶରେ ଦାରିଦ୍ର୍ୟକୁ ବଢାଇଥାଏ । ପ୍ରତିବର୍ଷ ଆମ ସମାଜ ଏହିସବୁ ପ୍ରାକୃତିକ ବିପର୍ଯ୍ୟୟଗୁଡିକୁ ସାମ୍ନା କରୁଛି । ଯାହାଫଳରେ ସେହି ଅଞ୍ଚଳର ଲୋକଙ୍କ ଆୟ କମିଯିବା ସଂଗେ ସଂଗେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଯାହାକି ସେମାନଙ୍କୁ ଦାରିଦ୍ର୍ୟ ଆଡକୁ ଟାଣି ନେଉଛି ।

(୬) **ଶାରୀରିକ କାରଣ (Physical causes)** : ବିଭିନ୍ନ ରୋଗ, ଶାରୀରିକ ଅକ୍ଷମତା, ଦୁର୍ଘଟଣା, ଆତ୍ମହତ୍ୟା, ରୋଜଗାରକ୍ଷମ ବ୍ୟକ୍ତିର ମୃତ୍ୟୁ, ମସ୍ତିଷ୍କବିକୃତି ଇତ୍ୟାଦି କାରଣଗୁଡିକ ଯୋଗୁଁ ବ୍ୟକ୍ତିକୁ ଦରିଦ୍ର ହେବାକୁ ପଡେ ।

(୭) **ନିରକ୍ଷରତା (Illiteracy)** : ନିରକ୍ଷରତା ମଧ୍ୟ ଆମ ଦେଶରେ ଦରିଦ୍ରତା ପାଇଁ



ଦାୟୀ। ନିରକ୍ଷରତା ଯୋଗୁଁ ଅର୍ଥ ରୋଜଗାର ପାଇଁ ଲୋକଙ୍କ ସୀମିତ ଉପାୟ ରହିଥାଏ। ଯାହାଫଳରେ ସେମାନେ ଏକ ସ୍ଥାୟୀ ଉତ୍ସ ପାଇପାରନ୍ତି ନାହିଁ।

(୮) **ଜନସଂଖ୍ୟା ବିସ୍ଫୋରଣ (Population Exploision)** : ଜନସଂଖ୍ୟା ବୃଦ୍ଧି ଗୋଟିଏ ପରିବାରକୁ ଦାରିଦ୍ର୍ୟ ଆଡ଼କୁ ଟାଣି ନିଏ । କମ୍ ସମ୍ବଳ ଭିତରେ ବେଶୀ ସଦସ୍ୟ ହେଲେ ସେମାନଙ୍କ ମଧ୍ୟରେ ଅଭାବ ପରିଲକ୍ଷିତ ହୋଇଥାଏ। ଏଣୁ ବେକାରୀ ସମସ୍ୟା, ଜମିଜମା ସମସ୍ୟା, ଦାରିଦ୍ର୍ୟର ସମସ୍ୟା ଦେଖାଦେଇଥାଏ।


## ପାଠଗତ ପ୍ରଶ୍ନ ୨୯.୪

'କ'ସ୍ତମ୍ଭ ସାଙ୍ଗେ 'ଖ' ସ୍ତମ୍ଭର ଶବ୍ଦକୁ ମିଶାଇ ଲେଖ

| 'କ' | 'ଖ' |
|---|---|
| ୧) ରୋଜଗାର ଭିତ୍ତିରେ ଦାରିଦ୍ର୍ୟତା ହେଉଛି | (କ) ଦାରିଦ୍ରତାର ରାଜନୈତିକ କାରଣ ମଧ୍ୟ ଅଛି। |
| ୨) ମଣିଷତ୍ୱ ଭିତ୍ତିରେ ଦାରିଦ୍ର୍ୟତା ହେଉଛି | (ଖ) ଶତକଡା ୪୩.୫ ଭାଗ |
| ୩) ଆମ ଦେଶରେ ଶତକଡ଼ା କେତେଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଟନ୍ତି | (ଗ) ଦିନକୁ ଦି ଓଳି ଖାଇବାକୁ ପାଆନ୍ତି ନାହିଁ |
| ୪) ଆମ ଦେଶର ନିରକ୍ଷରତା ହାର | (ଘ) ଆୟୁଷ, ଜ୍ଞାନ ଏବଂ ଭଲ ଜୀବନ ଧାରଣର ଅଭାବ |
| ୫) ସାମାଜିକ, ଅର୍ଥନୈତିକ, ଧାର୍ମିକ ପ୍ରାକୃତିକ ଓ ଶାରୀରିକ କାରଣଗୁଡିକ ଛାଡି | (ଙ) ଶତକଡ଼ା ୪୩.୦ ଭାଗ |

## ତୁମେ କ'ଣ ଶିକ୍ଷା କଲ

- ଆମ ଦେଶରେ ଏବେ ମଧ୍ୟ ଶତକଡ଼ା ୪୩.୬୨ ଭାଗ ଲୋକ ନିରକ୍ଷର । ୬-୧୪ ବର୍ଷ ବୟସର ୪ କୋଟି ପିଲା ବିଦ୍ୟାଳୟର ମୁହଁ ଦେଖିନାହାନ୍ତି । ପୁରୁଷମାନଙ୍କର ସାକ୍ଷରତା ହାର ଶତକଡ଼ା ୭୫.୮୫ଭାଗ। ଆମ ଦେଶର କେରଳ ରାଜ୍ୟରେ ସର୍ବାଧିକ ସ୍ୱାକ୍ଷର ଥିବା ସ୍ଥଳେ ଏ କ୍ଷେତ୍ରରେ ବିହାର ଏବଂ ରାଜସ୍ଥାନର ସ୍ଥାନ ସବୁଠାରୁ ପଛରେ।
- ଜନସଂଖ୍ୟା ବିସ୍ଫୋରଣ ଆମ ଦେଶରେ ଦୃତ ଗତିରେ ବଢି ଚାଲିଛି । ଏହା ମୃତ୍ୟୁହାର କମିଯିବା ଓ ଜନ୍ମହାର ନକମିବା ହେତୁ ଦେଖାଦେଇଛି । ଏଣୁ ଏହା ଦାରିଦ୍ର୍ୟ, ନିରକ୍ଷରତା, ବେକାରୀ, ଅପୃଷ୍ଟିକର ଖାଦ୍ୟ, ଉତ୍ତମ ଭରଣ ପୋଷଣର ଅଭାବ ହେବା ଇତ୍ୟାଦି ବୃଦ୍ଧି ହେବାରେ ସାହାଯ୍ୟ କରିଥାଏ ।
- ଦୁର୍ନୀତି ବେଆଇନ ଓ ଅସାଧୁ ଉପାୟରେ ଧନ ସମ୍ପତ୍ତି ଠୁଳ କରିବାରେ ସାହାଯ୍ୟ କରିଥାଏ । ଏହା ଏକ ବ୍ୟକ୍ତିଗତ ବ୍ୟବହାର ଯାହା ନଗଦ ଟଙ୍କା କିମ୍ବା ଲୋଭନୀୟ ଜିନିଷ ଅକ୍ତିଆର



ପାଇଁ ମନ ବଳାଇଥାଏ । ଆମ ଦେଶର ପ୍ରତ୍ୟେକ କ୍ଷେତ୍ରରେ ଦୁର୍ନୀତି ଦେଖିବାକୁ ମିଳେ । ଏହା ପ୍ରତ୍ୟେକ ସାମାଜିକ, ଅର୍ଥନୈତିକ, ରାଜନୈତିକ, ଧାର୍ମିକ, ଶାସନ, ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଦେଖିବାକୁ ମିଳେ । ଏହାଛଡ଼ା ରାତାରାତି ଧନୀ ହେବା ପାଇଁ, ଚାକିରି ପାଇଁ ଉଚ୍ଚ ଆକାଂକ୍ଷା, ଯୌତୁକ, ମହଙ୍ଗା ଶିକ୍ଷା, ରାଜନୈତିକ ବ୍ୟବସ୍ଥା ଇତ୍ୟାଦି ମଧ୍ୟ ଦୁର୍ନୀତିର ଗୋଟିଏ ଗୋଟିଏ କାରଣ ।

- ଆର୍ଥିକ ଦୃଷ୍ଟିକୋଣରୁ ଓ ଦରିଦ୍ରତା ହେତୁ ଜଣେ ଲୋକ ଦିନକୁ ୨ଥର ଖାଇବାକୁ ପାଇନଥାଏ । ଦରିଦ୍ରତାର ସାମାଜିକ, ଅର୍ଥନୈତିକ, ରାଜନୈତିକ, ଧାର୍ମିକ, ପ୍ରାକୃତିକ, ଶାରୀରିକ ଓ ଶିକ୍ଷାଗତ କାରଣଗୁଡିକ ମଧ୍ୟ ରହିଛି ।

## ପରିଭାଷା (Glossary)

ଜନ୍ମହାର - ଗୋଟିଏ ସମ୍ପ୍ରଦାୟର ହଜାରେ ଜନସଂଖ୍ୟାର, ଜନ୍ମହାର ବା ଜନ୍ମର ସଂଖ୍ୟା

ଦୁର୍ନୀତି - ନୈତିକତା ଓ ଚରିତ୍ରକୁ ଭୁଲିଯାଇ ଅସତ୍ ମାର୍ଗରେ ଅର୍ଥ ଉପାର୍ଜନ ।

ମୃତ୍ୟୁହାର - ଗୋଟିଏ ସମ୍ପ୍ରଦାୟର ହଜାରେ ଜନସଂଖ୍ୟାର, ମୃତ୍ୟୁ ସଂଖ୍ୟା

ଜନସଂଖ୍ୟା ବିଜ୍ଞାନ - ଜନସଂଖ୍ୟା ସମ୍ପର୍କିତ ବିଜ୍ଞାନ

ସ୍ଥାନାନ୍ତର - ସ୍ଥାନ ପରିବର୍ତ୍ତନ

ପ୍ରତ୍ୟାଖ୍ୟାନ - ମନା କରିଦେବା

ପରିବାର ଆକୃତି - ଗୋଟିଏ ପରିବାରର ସଦସ୍ୟ ସଂଖ୍ୟା

ମଣିଷ ଦାରିଦ୍ର୍ୟତା - ଆୟୁଷ, ଜ୍ଞାନ ଓ ଜୀବନଧାରଣ ମାନକୁ ଅସ୍ୱୀକାର କରିବା

ନିରକ୍ଷର - ଯେଉଁମାନେ ପଢି ଓ ଲେଖିପାରନ୍ତି ନାହିଁ ।

ସାକ୍ଷରତା - ପଢି ଓ ଲେଖି ଜାଣିବା

ସାକ୍ଷର - ଯେଉଁମାନେ ପଢି ଓ ଲେଖିପାରନ୍ତି ।

ସାକ୍ଷର ହାର - ଗୋଟିଏ ସମ୍ପ୍ରଦାୟର ଶହେ ଜଣରେ କେତେ ଭାଗରେ ସାକ୍ଷର ।

ଜନସଂଖ୍ୟା - ଗୋଟିଏ ସମ୍ପ୍ରଦାୟର ମୋଟ ଜନସଂଖ୍ୟା

ଜନ ବିସ୍ଫୋରଣ - ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧି

| | |
|---|---|
| ଦାରିଦ୍ର୍ୟ | - ନିମ୍ନ ଆୟ ହେତୁ ଦିନକୁ ଦି'ଓଳି ଖାଇବା ପାଇଁ ଖର୍ଚ୍ଚ କରିନପାରିବା |
| ଜଟିଳ ତଥ୍ୟର ବିସ୍ତାର- | ବିସ୍ତାର |
| ଗ୍ରାମ୍ୟ ଦାରିଦ୍ର୍ୟ | - ଅସମାନ ଜମି ବଣ୍ଟନ ଓ ନିମ୍ନ ଆୟ ହେତୁ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦେଖାଦିଏ । |
| ସହରୀ ଦାରିଦ୍ର୍ୟତା | - ବେକାରୀ ସମସ୍ୟା, ନିମ୍ନ ଆୟ ଓ ଗ୍ରାମାଞ୍ଚଳରୁ ଯୁବକ ଯୁବତୀଙ୍କ ସ୍ଥାନାନ୍ତରୀଣ ହେତୁ ସହରାଞ୍ଚଳରେ ଦାରିଦ୍ର୍ୟ ଦେଖାଦେଇଥାଏ । |

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ସାକ୍ଷରତା କ'ଣ ? କେଉଁ ରାଜ୍ୟରେ ସାକ୍ଷରତା ହାର ଅଧିକ ?

୨. ଜନସଂଖ୍ୟା ବିସ୍ଫୋରଣ କହିଲେ ତୁମେ କ'ଣ ବୁଝ ?

୩. ଜନସଂଖ୍ୟା ବିସ୍ଫୋରଣ ସମ୍ପର୍କିତ ପାଞ୍ଚଟି ସାମାଜିକ ଓ ଅର୍ଥନୈତିକ ସମସ୍ୟାଗୁଡ଼ିକୁ ଲେଖ ।

୪. ଦୁର୍ନୀତି କାହାକୁ କୁହାଯାଏ । ପାଞ୍ଚ ପ୍ରକାର ଦୁର୍ନୀତିଗୁଡ଼ିକ ଲେଖ ।

୫. ଦାରିଦ୍ର୍ୟ କ'ଣ ? ଏହା ମଣିଷ ଦାରିଦ୍ର୍ୟଠୁ କେଉଁ ହିସାବରେ ଭିନ୍ନ ?

## ପ୍ରଶ୍ନଗୁଡ଼ିକର ଉତ୍ତର

| | | | |
|---|---|---|---|
| ୨୯.୧ | ୧) ଘ | ୨) ଘ | ୩)ଘ |
| | ୪) ଗ | ୫) ଖ | |
| ୨୯.୨ | ୧) ଠିକ୍ | ୨) ଭୁଲ | ୩) ଠିକ୍ |
| | ୪) ଠିକ୍ | ୫) ଠିକ୍ | |
| ୨୯.୩ | ୧) ବେଆଇନ | ୨) ପ୍ରତ୍ୟେକ | ୩) ଦେଖାଯାଏ |
| | ୪)ବାଦ ଯାଇନାହାନ୍ତି | | |
| ୨୯.୪ | ୧) ଗ | ୨) ଘ | ୩) ଙ |
| | ୪) ଖ | ୫) କ | |